# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଶାମ୍ଶୋନ୍, ପରମେଶ୍ୱରଙ୍କ ଏକ ବଳବାନ୍ ଲୋକ

ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଉପଯୋଜକ: Lyn Doerksen

ଅନୁବାଦକ: Prasanta Bhuyan

ପ୍ରଯୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଅନେକ ବର୍ଷ ଆଗେ, ମାନୋହ ନାମରେ ଏକ ଲୋକ ଇସ୍ରାଏଲରେ ବାସ କରୁଥିଲେ । ସେମାନଙ୍କ କୌଣସି ସନ୍ତାନ ନଥିଲା । ଦିନେ ସଦାପ୍ରଭୁଙ୍କ ଦୂତ ମାନୋହଙ୍କ ସ୍ତ୍ରୀଙ୍କୁ ଦର୍ଶନ ଦେଲେ । ତୁମ୍ଭେ ଏକ ବିଶେଷ ଦରଣର



ପୁତ୍ରସନ୍ତାନକୁ ଧରଣର କରିବ, ସେ କହିଲେ ।

ସେ ସେହି ଅଦ୍ଭୁତ ସମାଚାର ନିଜ ସ୍ୱାମିଙ୍କୁ କହିଲେ । ମାନୋହ ପ୍ରାର୍ଥନା କଲେ, ହେ ପ୍ରୋଭୋ, ବିନୟ କରୁଅଛି ପୁନର୍ବାର ଆସନ୍ତୁ । ଶିଖାନ୍ତୁ ପୁତ୍ର ନିମନ୍ତେ ଆମ୍ଭମାନଙ୍କୁ କଣ କରିବାକୁ ପଡ଼ିବ ।





ସଦାପ୍ରଭୁଙ୍କ ଦୂତ ମାନୋହଙ୍କୁ କହିଲେ ତାହାର ମସ୍ତକରେ କ୍ଷୁର ଲାଗିବ ନାହିଁ, ସେ କେବେହେଁ ମଦ୍ୟପାନ କରିବେ ନାହିଁ କିମ୍ବା କେତେକ ଖାଦ୍ୟକୁ ମଧ୍ୟ ବର୍ଜୀତ କରିବେ । ସଦାପ୍ରଭୁ ତାହାଙ୍କୁ ବିଚ଼ାରକ ଭାବେ ଅଭିଶିକ୍ତ କରିବେ ଓ ସେ ଇସ୍ରାଏଲର ନେତୃତ୍ୱ କରିବେ ।





ନିଶ୍ଚିତ ଭାବରେ
ସଦାପ୍ରଭୁଙ୍କ
ଲୋକମାନଙ୍କୁ
ସାହାଯ୍ୟର
ଆବଶ୍ୟକ । ସେମାନେ
ସଦାପ୍ରଭୁଙ୍କୁ ନିଜ ଜୀବନକୁ ଅଲଗା
କରିଥିଲେ, ଏବଂ ସେମାନେ ସେମାନଙ୍କର
ଶତ୍ରୁ ହସ୍ତରେ ସମର୍ପୀତ ଥିଲେ, ପଲେଷ୍ଟିୟ ମାନେ । କିନ୍ତୁ ଯେତବେଳେ
ସେମାନେ ପ୍ରାର୍ଥନା କଲେ ସଦାପ୍ରଭୁ ଶୁଣିଲେ । ସେ ଏହି ବାଳକକୁ
ପ୍ରେରଣ କଲେ ଯେ କି ପୃଥିବିର ଏକମାତ୍ର ବଳବାନ୍ ଲୋକ ହେବେ ।

ସେହି ସ୍ତ୍ରୀ ଏକ ପୁତ୍ର ସନ୍ତାନ ପ୍ରସବ କଲେ ଓ ତାହାର ନାମ ଶାମ୍‌ଶୋନ୍ ରଖିଲେ । ଏହି ବାଳକ ବଢ଼ିଲା, ଓ ସଦାପ୍ରଭୁ ତାଙ୍କୁ ଆଶିର୍ବାଦ କଲେ ।



ଓ ସଦାପ୍ରଭୁଙ୍କ ଆତ୍ମା ତାଙ୍କ ଉପରେ ଅଧିଷ୍ଠିତ ହେଲା । ଶାମ୍‌ଶୋନ୍ ଆହୁରି ମଜଭୁତ ହୋଇଗଲେ । ଦିନେ ସେ ଏକ ଯୁବା ସିଂହ ସହିତ ଲଢ଼େଇ କରି ତାକୁ ଛେଳିପରି ବିଦୀର୍ଣ୍ଣ କଲା, ମାତ୍ର ତାଙ୍କ ହାତରେ କିଛି ନଥିଲା ।



ପରେ, ସେ
ମହୁମାଛିର
ଝାଙ୍କ ଓ ସେଥିରେ ଥିବା ମହୁ ଖାଇଲେ,
କାରଣ ସେହି ମୃତ ସିଂହର କଙ୍କାଳରେ ମହୁ
ହୋଇଥିଲା । ସେହିଠାରୁ ସେ ଏକ ପ୍ରହେଳିକା ଗଢ଼ିଲା
ଖାଦକଠାରୁ ଖାଦ୍ୟ ଓ ବଳବାନ୍‌ଠାରୁ ମିଷ୍ଟତା ନିର୍ଗତ ହେଲା ।



ସେମାନଙ୍କ
ମଧ୍ୟରୁ
କେହିହେଲେ ତାହାର ଉତ୍ତର
କରି ପାରିଲେ ନାହିଁ- କିନ୍ତୁ ଶାମ୍ଶୋନ୍ଙ୍କର
ନୂତନ ସ୍ତ୍ରୀ, ଏକ ପଲେଷ୍ଟିୟ, ତାଙ୍କ ବନ୍ଧୁମାନଙ୍କୁ
କହିଲେ । ଏହା ଶାମ୍ଶୋନଙ୍କୁ ଅତ୍ୟନ୍ତ କ୍ରୋଧିତ କଲା ।

ଶାମ୍ଶୋନ୍ ତାହାଠାରୁ ମଧ୍ୟ ଅତ୍ୟନ୍ତ କ୍ରୋଧିତ ହେଲେ ଯେତେବେଳେ ପଲେଷ୍ଟୀୟମାନେ ତାଙ୍କର ସ୍ତ୍ରୀଙ୍କୁ ତାଙ୍କର ଉତ୍ତମ ବନ୍ଧୁଙ୍କ ହାତରେ ଦେଲେ । ସେ ଏହାର ପ୍ରତିଶୋଧ ନେବା ନିମନ୍ତେ ଯୋଜନା କଲେ । କିନ୍ତୁ କିପରି, ପ୍ରଥମରେ, ଶାମ୍ଶୋନ୍ ତିନିଶହ ବିଲୁଆ ଧରିଲେ ଓ ଦିହୁଡ଼ି ଲାଙ୍ଗୁଳକୁ ଲାଙ୍ଗୁଳ ବାନ୍ଧି ଦିହୁଡ଼ି ଜଳାଇଲେ ।



ତାପରେ ଶାମ୍ଶୋନ୍ ସେହି ପଲେଷ୍ଟିୟ ମାନଙ୍କ ବଢ଼ନ୍ତା କ୍ଷେତ୍ରରେ



ବିଲୁଆମାନଙ୍କୁ
ଛାଡ଼ିଦେଲେ ।

ବର୍ତ୍ତମାନ୍ ପଲେଷ୍ଟୟମାନେ ମଧ୍ୟ ପ୍ରତିଶୋଧ ନେବାକୁ ଚ଼ାହୁଁଥିଲେ ।

ଶାମ୍ଶୋନ୍ ନିଜେ ସେମାନଙ୍କୁ ଧରା ଦେଲେ, ବନ୍ଧାହୋଇ ପଲେଷ୍ଟିୟ ମାନଙ୍କ ହାତରେ ଦିଆଗଲେ ।



କିନ୍ତୁ ସଦାପ୍ରଭୁଙ୍କ ଆତ୍ମା ଶାମ୍‌ଶୋନ୍‌ଙ୍କ ଉପରେ ଆସିଲା । ସେ ସେହି ଦଉଡ଼ିକୁ ଅଗ୍ନିଦଗ୍ଧ ଛଣପଟ ପରି କଲେ । ସେତେବେଳେ ସେ ଗର୍ଦ୍ଦଭର ଗୋଟିଏ କଞ୍ଚା ଥୋମଣି ପାଇ ହାତ ବଢ଼ାଇ ନେଲେ ଓ ସେଠାରୁ ଏକ ହଜାର ଲୋକଙ୍କୁ ବଧ କଲା ।



ପଲେଷ୍ଟିୟ ମାନଙ୍କର ଖୋଜିବା ଦଳ ଶାମ୍ଶୋନ୍ଙ୍କୁ ଖୋଜିବାକୁ ଲାଗିଲେ । ଏକ ରାତ୍ରୀରେ ସେମାନେ ତାହାଙ୍କୁ ଘେରି ନଗରଦ୍ୱାରସବୁ ବନ୍ଦକଲେ । କିନ୍ତୁ ଶାମ୍ଶୋନ୍ ଉଠି ନଗରଦ୍ୱାରର କବାଟ ଓ ଦୁଇ ବାଜୁବନ୍ଧ ଧରି ଅରଗଳ ସମେତ ଉପାଡ଼ି ପକାଇ ତାହା କାନ୍ଧରେ ଧରି ବାହାରିଗଲା ।



କିନ୍ତୁ ଶାମ୍ଶୋନ୍ ସଦାପ୍ରଭୁଙ୍କୁ ବିଫଳ କଲେ । ପ୍ରଭୁ ତାଙ୍କୁ ଶକ୍ତି ଦଲେ ଯେ ସମୟ ପର୍ଯ୍ୟନ୍ତ ସେ ସଦାପ୍ରଭୁଙ୍କର ବାଧ୍ୟ ହେଲେ । ଦିନେ ଶାମ୍ଶୋନ୍ ନିଜର ଶକ୍ତିର ଉତ୍ସ ବିଷୟରେ ଦଲିଲାଙ୍କୁ କହିଲା, ଏକ ସୁନ୍ଦରି ପଲେଷ୍ଟିୟ ଚ଼ରଣୀ । ସେ ଶାମ୍ଶୋନ୍ଙ୍କ ଶୋଇବା ସମୟରେ ତାଙ୍କର କେଶ କ୍ଷୌର କରିଦେଲା ।





ତାପରେ ପଲେଷ୍ଟିୟମାନେ ଶାମ୍‌ଶୋନ୍‌ଙ୍କୁ ଦଲିଲାଙ୍କ ଶୟନ କକ୍ଷରେ ଆକ୍ରମଣ କଲେ । ଶାମ୍‌ଶୋନ୍  ସେମାନଙ୍କ ସହିତ ବହୁତ ଲଢ଼େଇକଲେ-ଶେଷରେ ନିର୍ବଳ ହୋଇଗଲେ । ତାଙ୍କର ଶତ୍ରୁମାନେ ତାଙ୍କର ଆଖି ଉପାଡ଼ି ପକାଇଲେ ।



ଅନ୍ଧ ଓ ଦୁର୍ବଳ, ଶାମ୍‌ଶୋନ୍‌ ପଲେଷ୍ଟୀୟମାନଙ୍କର ଦାସ ହୋଇଗଲେ । ସେମାନେ ପ୍ରଭୁଙ୍କ ଦାସଙ୍କୁ ପରିହାସ କଲେ ।

ପଲେଷ୍ଟୀୟମାନେ ଏକ ଭୋଜର ଆୟୋଜନ କରିଥିଲେ । ଶାମ୍‌ଶୋନ୍‌ଙ୍କୁ ସେମାନଙ୍କ ହାତରେ ଦେବା ହେତୁ ସେମାନେ ସେମାନଙ୍କର ମତ୍ସ୍ୟ ଦେବତା, ଅଜଗରକୁ, ପ୍ରସଂଶା କଲେ । ସେମାନେ ମଦ୍ୟ ପାନ କରି ଅଜଗର ଦେବତାର ମନ୍ଦିରରେ ଆନନ୍ଦ ଉଲ୍ଲାସ କଲେ । ସେମାନେ ଶାମ୍‌ଶୋନ୍‌ଙ୍କୁ ସେମାନଙ୍କ ନିମନ୍ତେ କୌତୁକ କରିବାକୁ ଡାକିଲେ ।



ଶାମ୍‌ଶୋନ୍‌ ର ହସ୍ତଧାରି ବାଳକ ତାହାଙ୍କୁ ନେଇ ଆସିଲା, ଓ ଗୃହର ଛାତ ନିର୍ଭର ଥିବା ସେହି ଦୁଇ ସ୍ତମ୍ଭରେ ସେ ଆଉଜି ହୋଇ ରହିଲେ । ସେଠାରେ ତିନିହଜାର ପଲେଷ୍ଟୀୟମାନେ ଛାତ ଉପରେ ଥିଓେ, ଏ ଅନେକ



ଲୋକ ମନ୍ଦିର ଗୃହ ଭିତରେ ଥିଲେ, ସମସ୍ତେ ତାଙ୍କୁ ପରିହାସ କରୁଥିଲେ ।

ମାତ୍ର କାରାଗାରରେ ଶାମ୍ଶୋନ୍ଙ୍କ କେଶ ପୁନର୍ବାର ବଢ଼ିବାକୁ ଲାଗିଲା । ବର୍ତ୍ତମାନ୍ ସେ ପ୍ରାର୍ଥନା କଲେ ହେ ସଦାପ୍ରଭୋ, ଏହିଥରକ ପାଇଁ ମୋତେ ବଳବାନ୍ କର, ଯେପରି ମୁଁ ଏକାବେଳେ ମୋହର ଦୁଇ ଚକ୍ଷୁର ପ୍ରତିଶୋଧ ନେଇପାରିବି ।



ସଦାପ୍ରଭୁ କି ଶାମ୍ଶୋନ୍ଙ୍କୁ ପୁନର୍ବାର ଶକ୍ତି ଦେବେ, ଶାମ୍ଶୋନ୍ କୁ ପୁନର୍ବାର ଅସମ୍ଭବକୁ ସମ୍ଭବ କରିବେ, ହଁ, ହଁ ଶକ୍ତ ଭାବରେ ସେ ନିଜକୁ ନୁଆଁଇଲା, ଶାମ୍ଶୋନ୍ ସେହି ମସ୍ତବଡ଼ ସ୍ତମ୍ଭ ଗୁଡ଼ିକ ଉପରେ ଆଉଜି ତଳେ ପକାଇଲେ । ଫଳରେ ଅଜଗର ମନ୍ଦିରରେ ହଜାର ହଜାର ସଂଖ୍ୟାରେ ପଲେଷ୍ଟୀୟମାନେ ଓ ଶାମ୍ଶୋନ୍ଙ୍କର ପ୍ରାଣ ଗଲା ।





ଶାମ୍ଶୋନ୍, ପରମେଶ୍ୱରଙ୍କ ଏକ ବଳବାନ୍ ଲୋକ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ବିଚାରକର୍ତ୍ତା ୧୩-୧୬

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ
ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି
ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ
ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ,
କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ
ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ
କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ
ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ ।
ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ ।
ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ
ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬